# ରାଧେୟ

ଡକ୍ଟର ଦେବଜ୍ୟୋତି ଜେନା

# ରାଧେୟ

ଡକ୍ଟର ଦେବଜ୍ୟୋତି ଜେନା
ଅଧ୍ୟକ୍ଷ, ସଂସ୍କୃତ ବିଭାଗ
ଶ୍ରୀ ଚନ୍ଦ୍ରଶେଖରେନ୍ଦ୍ର ସରସ୍ୱତୀ ବିଶ୍ୱବିଦ୍ୟାଳୟ
କାଞ୍ଚିପୁରମ୍, ତାମିଲନାଡୁ

ବନାରସ ମର୍କେଣ୍ଟାଇଲ କମ୍ପାନୀ
୧୨୪, ମହାତ୍ମା ଗାନ୍ଧୀ ରୋଡ୍
କୋଲକାତା

# ରାଧେୟ

**ଡକ୍ଟର ଦେବଜ୍ୟୋତି ଜେନା**
(ଏମ୍.ଏ., ବି.ଇ.ଡି., ଏମ୍.ଫିଲ୍., ପିଏଚ୍.ଡି)
ଅଧ୍ୟକ୍ଷ, ସଂସ୍କୃତ ବିଭାଗ
ଶ୍ରୀ ଚନ୍ଦ୍ରଶେଖରେନ୍ଦ୍ର ସରସ୍ୱତୀ ବିଶ୍ୱବିଦ୍ୟାଳୟ
କାଞ୍ଚିପୁରମ୍, ତାମିଲନାଡୁ, ୬୩୧୫୬୧

© ଶ୍ରୀ ଶୁଭ୍ରାଂଶୁ ମୋହନ ଜେନା
(ଏମ୍.ଏ., ବି.ଇ.ଡି., ଏଲ.ଏଲ୍.ବି)

ପ୍ରଥମ ସଂସ୍କରଣ - ଅଗଷ୍ଟ, ୨୦୧୨

ମୂଲ୍ୟ- ୧୫୦ ଟଙ୍କା
ପ୍ରକାଶକ
**ବନାରସ ମର୍କେଣ୍ଟାଇଲ କମ୍ପନୀ**
୧୨୫, ମହାତ୍ମା ଗାନ୍ଧୀ ରୋଡ୍
କୋଲକାତା
୭୦୦୦୦୭

ISBN : 81-86359-31-1

# Rādheya

**Dr. Debajyoti Jena**
(M.A, B.Ed., M.Phil., Ph.D)
Head of the Department
Department of Sanskrit
Sri Chandrasekharendra
Saraswati University
Enathur, Kanchipuram
Tamilnadu, 631561

©Sri Subhransu Mohan Jena
(M. A., B. Ed., L. L. B)

First Edition- August, 2012
Price- ₹150

Published by
THE BANARAS MERCANTILE CO.
125, Mahatma Gandhi Road
Kolkata-700007
India
www.banarasmercantile.com

# ମୁଖବନ୍ଧ

"ରାଧେୟ" ପୁସ୍ତକଟି ମାନବୀୟ ମୂଲ୍ୟବୋଧର ଏକ ନିଛକ ପ୍ରତୀକ । ପୁସ୍ତକଟିରେ ସନ୍ନିବେଶିତ ହୋଇଥିବା ପ୍ରତ୍ୟେକଟି ଅଂଶ ମଣିଷ ଜୀବନର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଚେତନ ସହିତ ଉଦ୍ବୁଦ୍ଧ । ପୌରାଣିକ ଆଖ୍ୟାନକୁ ଭିତ୍ତିକରି ପ୍ରସ୍ତୁତ ହୋଇଥିବା ଏଇ ପୁସ୍ତକଟି ମଣିଷର ଜୀବନଚର୍ଯ୍ୟାକୁ ବହୁଗୁଣରେ ପରିମାର୍ଜିତ କରେ । ଚରିତ୍ରଚିତ୍ରଣର ଭାବଧାରାରେ ବର୍ତ୍ତମାନର ମଣିଷଜୀବନ ଚିତ୍ରିତ ହୁଏ ଏକ ନୂଆ ଚିତ୍ରରେ । ଆଦର୍ଶ ଜୀବନ ଓ ବ୍ୟକ୍ତିଚରିତ୍ରର ଉଦାହରଣ କ୍ଷଣେ କ୍ଷଣେ ପ୍ରତିଫଳିତ ହୋଇଛି "ରାଧେୟ"ର ପ୍ରତ୍ୟେକ ଅଧ୍ୟାୟରେ । ଧ୍ୱଂସାଭିମୁଖୀ ସମାଜକୁ ଏକ ଦିବ୍ୟ ପରିବେଶରେ ରୂପାନ୍ତରିତ କରିବାରେ ସାମାନ୍ୟ ପ୍ରୟାସ କରିଛି ମୁଁ ଏଇ ପୁସ୍ତକ ମାଧ୍ୟମରେ । ଜ୍ଞାନପିପାସୁ ପାଠକ ପାଠିକାମାନଙ୍କର ପୁସ୍ତକଟି ଶ୍ରଦ୍ଧାଭାଜନ ହୋଇପାରିଲେ, ବେଶ୍ ଆନନ୍ଦ ଅନୁଭବ କରିବି । "ରାଧେୟ"ର ଅବାରିତ ସେବା ସହୃଦୟମାନଙ୍କର ହୃଦୟଗ୍ରାହ୍ୟ ହେଉ, ଏତିକି ପରମକରୁଣାମୟ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭାକାଙ୍କ୍ଷୀ

ଡକ୍ଟର ଦେବଜ୍ୟୋତି ଜେନା

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧. ଏକ ଅବିସ୍ମରଣୀୟ ସକାଳ | ୧ |
| ୨. ଅବାସ୍ତବ ସ୍ୱପ୍ନ | ୬ |
| ୩. ଅଭିଶପ୍ତ ଜୀବନ | ୧୦ |
| ୪. ବନ୍ଧୁତ୍ୱର ନମୂନା | ୧୭ |
| ୫. ସ୍ୱପ୍ନାଳାପ | ୨୫ |
| ୬. ତ୍ୟାଗ ଓ ଆଦର୍ଶ | ୨୯ |
| ୭. ରହସ୍ୟ ଉନ୍ମୋଚନ | ୩୪ |
| ୮. ଅନ୍ୟ ଏକ ସ୍ୱପ୍ନ | ୪୨ |
| ୯. ବିଜନ ରାତ୍ରିର ଆଳାପ | ୫୪ |
| ୧୦. ପ୍ରଥମ ଅଭିଯାନ | ୫୯ |
| ୧୧. ସଂଘର୍ଷ | ୬୩ |
| ୧୨. କର୍ତ୍ତବ୍ୟର ପ୍ରଥମ ମୁହୂର୍ତ୍ତ | ୬୬ |
| ୧୩. ଅନ୍ତିମ ରାତ୍ରି | ୭୦ |
| ୧୪. ନିର୍ବାପିତ ଦୀପଶିଖା | ୭୪ |
| ୧୫. ମମତାର ସ୍ପନ୍ଦନ | ୮୫ |

# ଏକ ଅବିସ୍ମରଣୀୟ ସକାଳ

ବୃଷ୍ଣି ବଂଶୀୟ ରାଜା ସୂର। ସେ ଦୁଇଟି ସନ୍ତାନର ଜନକ। ପୁତ୍ର ବସୁଦେବ ଏବଂ କନ୍ୟା ପୃଥା। କୁନ୍ତିଭୋଜ ରାଜା ସୂରଙ୍କର ସମ୍ପର୍କରେ ସାନଭାଇ ଯେ କି ଅନପତ୍ୟ । ରାଜା ସୂର କୁନ୍ତିଭୋଜଙ୍କୁ ଖୁବ୍ ଭଲ ପାଉଥିଲେ। ସନ୍ତାନହୀନତା ହିଁ ସର୍ବଦା କୁନ୍ତିଭୋଜଙ୍କର ଦୁଃଖର କାରଣ ଥିଲା। ତାଙ୍କର ଏଭଳି ଅବସ୍ଥା ଦେଖି ରାଜା ସୂର ମ୍ରିୟମାଣ ହୋଇ ପଡୁଥିଲେ। ପରିଶେଷରେ କୁନ୍ତିଭୋଜଙ୍କ ଦୁଃଖ ଲାଘବ ପାଇଁ ନିଜ କନ୍ୟା ପୃଥାକୁ ଲାଳନ ପାଳନ କରି ନିଜ କନ୍ୟା ସଦୃଶ ଗ୍ରହଣ କରିବା ଉଦ୍ଦେଶ୍ୟରେ ସେ ତାଙ୍କ ହାତରେ ଟେକିଦେଲେ। ପୃଥା ଥିଲେ ବାସ୍ତବରେ ଅନିନ୍ଦ୍ୟା ସୁନ୍ଦରୀ ଏବଂ ତାଙ୍କର ବ୍ୟବହାର ମଧ୍ୟ ଥିଲା ଖୁବ୍ ଶୋଭନ। ଖୁବ୍ ଆନନ୍ଦରେ ପୃଥା ନିଜ ପାଳିତ ପିତା କୁନ୍ତିଭୋଜଙ୍କ ପାଖରେ ବଢ଼ିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ପୃଥା କୁନ୍ତୀ ନାମରେ ନାମିତା ହେଲେ।

ଏମିତି କେତେ କାଳ ଅତିବାହିତ ହୋଇଚାଲିଲା। ଏକଦା ଋଷି ଦୁର୍ବାସା କୁନ୍ତିଭୋଜଙ୍କ ରାଜସଭାରେ ଉପସ୍ଥିତ ହେଲେ। ନିଜର କଠୋର ତପସ୍ୟା ଓ କ୍ରୋଧ ପାଇଁ ସେ ତ୍ରିପୁର ବିଦିତ। ରାଜା କୁନ୍ତିଭୋଜଙ୍କ ପାଖରେ ରହି କିଛିଦିନ କଟାଇବା ପାଇଁ ସେ ଇଚ୍ଛା ପ୍ରକାଶ କଲେ। କୁନ୍ତିଭୋଜଙ୍କ ସହିତ କନ୍ୟା କୁନ୍ତୀ ମଧ୍ୟ ଋଷି ଦୁର୍ବାସାଙ୍କର ଯଥୋଚିତ ସେବା-ଯତ୍ନ ଓ ଆଦର ଅଭ୍ୟର୍ଥନା କଲେ । କୁନ୍ତୀଙ୍କର ଏକନିଷ୍ଠ ସେବା, କର୍ତ୍ତବ୍ୟ ପରାୟଣତା ଏବଂ ସୌଜନ୍ୟମୂଳକ ବ୍ୟବହାରରେ ଋଷି ଦୁର୍ବାସା ଅତ୍ୟନ୍ତ ପ୍ରୀତ ହୋଇଯାଇଥିଲେ । ପ୍ରତିଦାନରେ କୁନ୍ତୀଙ୍କୁ ଏକ ବର ଦାନ କରିବାକୁ ସ୍ଥିର କରି ପାଖକୁ ଡାକିଲେ ଏବଂ କହିଲେ “ମୁଁ ତୁମକୁ ଏକ ମନ୍ତ୍ରପୂତ ମାଳା ପ୍ରଦାନ କରିବି ଯଦ୍ୱାରା କି ତୁମେ ଯେ କୌଣସି ଦେବତାଙ୍କୁ ଏହି ମାଳା ମାଧ୍ୟମରେ ଆହ୍ୱାନ କରିପାରିବ।” ବିନମ୍ରତାର ସହିତ କୁନ୍ତୀ ମନ୍ତ୍ରପୂତ ମାଳାଟିକୁ ଗ୍ରହଣ କଲେ ଋଷି ଦୁର୍ବାସାଙ୍କଠାରୁ। କୁନ୍ତୀଙ୍କୁ ଏହି ବର ପ୍ରଦାନ ପୂର୍ବକ କୁନ୍ତିଭୋଜଙ୍କ ରାଜଭବର ପରିତ୍ୟାଗ କରି ଚାଲିଗଲେ ଋଷି ଦୁର୍ବାସା ।

କୁନ୍ତୀ ସେତେବେଳେ ଥିଲେ କୁମାରୀ। ଦୁର୍ବାସାଙ୍କ ବରପ୍ରଦାନର ଅନ୍ତର୍ନିହିତ ମର୍ମ ବୁଝିବାକୁ ତାଙ୍କର ସାମର୍ଥ୍ୟ ନ ଥିଲା। ମନ୍ତ୍ରପୂତ ମାଳାଧାରଣ କରି ଯେକୌଣସି ଦେବତାଙ୍କୁ ଆହ୍ୱାନ କଲେ ସେ ଯେ, ଆସି ଉପସ୍ଥିତ ହୋଇଯିବେ ତାହା ତାଙ୍କ ପାଇଁ କୌତୁହଳର ବିଷୟ ଥିଲା। ଗୋଟିଏ ଛୋଟ ଶିଶୁର ଏକ ମନ ଲୋଭାଣିଆ ଖେଳଣା ପ୍ରତି